# NATIONAL NEWS BULLETIN (ODIA)

## 10 January - 2026

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେବା ପାଇଁ ଗୁଜରାଟର ସୋମନାଥରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

– ଆସନ୍ତାକାଲି ସୌର୍ଯ୍ୟ ଯାତ୍ରାରେ ଅଂଶଗ୍ରହଣ କରିବା ସହ ଶ୍ରୀ ସୋମନାଥଙ୍କୁ କରିବେ ପୂଜାର୍ଚ୍ଚନା ।

- ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ନୂଆଦିଲ୍ଲୀରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀଙ୍କ ବୈଠକ ।

- ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା ଅତିକ୍ରମ କଲା ୪ କୋଟିରୁ ଊର୍ଦ୍ଧ୍ୱ ପଞ୍ଜିକରଣ ।

- ନୂଆଦିଲ୍ଲୀରେ ଆରମ୍ଭ ହେଲା ବିଶ୍ୱ ପୁସ୍ତକ ମେଳା ୨୦୨୬ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍‌ରେ ୟୁ.ପି. ୱାରିୟର୍ସ୍‌କୁ ୧୦ରନ୍‌ରେ ପରାସ୍ତ କଲା ଗୁଜରାଟ୍ ଜାଏଣ୍ଟସ୍ ।

– ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମୁକାବିଲା ।

# ପିଏମ୍ ମୋଦୀ–ସୋମନାଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନି ଦିନିଆ ଗୁଜରାଟ ଗସ୍ତରେ ଯାଇ ଆଜି ସୋମନାଥରେ ପହଞ୍ଚିଛନ୍ତି । ସେ ରାଜ୍ୟର ପ୍ରଭାସ ପାଟନରେ ପାଳିତ ହେଉଥିବା ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ୧୦୨୬ ମସିହାରେ ସୋମନାଥ ମନ୍ଦିର ଆକ୍ରମଣର ହଜାରେ ବର୍ଷ ଏବଂ ୧୯୫୧ ମସିହାରେ ସ୍ୱାଧୀନତା ପରବର୍ତ୍ତୀ ପୁନରୁଦ୍ଧାରର ୭୫ ବର୍ଷ ପୂରଣ କରୁଛି । ପ୍ରଧାନମନ୍ତ୍ରୀ ମନ୍ଦିର ପରିସରରେ ଓମ୍କାର ଜପରେ ଅଂଶଗ୍ରହଣ କରିବେ । ଏହା ପରେ ପ୍ରଭାସ ପାଟନ୍‌ର ଆକାଶରେ ଏକ ମନୋରମ ଡ୍ରୋନ୍ ଶୋ’ ଅନୁଷ୍ଠିତ ହେବ ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ସୌର୍ଯ୍ୟ ଯାତ୍ରାରେ ଅଂଶଗ୍ରହଣ କରି ଶ୍ରୀ ସୋମନାଥ ମହାଦେବଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି । ପରେ ପ୍ରଧାନମନ୍ତ୍ରୀ ସୋମନାଥରେ ଏକ ଜନସଭାକୁ ଉଦ୍‌ବୋଧନ ଦେବେ ଏବଂ ଭାଇବ୍ରାଣ୍ଟ ଗୁଜରାଟ୍ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ପାଇଁ ରାଜକୋଟ ଗସ୍ତ କରିବେ ।

## ଏଫ୍ଏମ୍-ପ୍ରି ବଜେଟ୍ ମିଟିଂ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ଆଜି ନୂଆଦିଲ୍ଲୀରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନଙ୍କ ସହ ଏକ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । ଏହି ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି । ସଂସଦର ବଜେଟ୍ ଅଧିବେଶନ ଚଳିତ ମାସ ୨୮ ତାରିଖରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ।

## ପ୍ରଧାନ-ପରୀକ୍ଷା ପେ ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚା ୨୦୨୬ ପାଇଁ ବର୍ତ୍ତମାନ ସୁଦ୍ଧା ୪ କୋଟିରୁ ଅଧିକ ଅଂଶଗ୍ରହଣକାରୀ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି । ଗତ ବର୍ଷର ଗିନିଜ୍ ବିଶ୍ୱ ରେକର୍ଡ଼କୁ ମଧ୍ୟ ଏହା ଅତିକ୍ରମ କରିଛି । ଗତବର୍ଷ ୩ କୋଟି ୫୦ ଲକ୍ଷ ପଞ୍ଜୀକୃତ ହୋଇଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଯୁବ ପିଢ଼ିଙ୍କୁ ଚାପମୁକ୍ତ ପରିବେଶ ପ୍ରଦାନ କରିବା ସହ ଦେଶବ୍ୟାପି ଏକ ଆନ୍ଦୋଳନରେ ପରିଣତ ହୋଇଛି । ମନ୍ତ୍ରୀ ଶ୍ରୀ ପ୍ରଧାନ’ ସମସ୍ତ ପରୀକ୍ଷାର୍ଥୀଙ୍କୁ ଚଳିତ ବର୍ଷର କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ପରୀକ୍ଷା ଋତୁ ପାଖେଇ ଆସୁଥିବାରୁ ଛାତ୍ରଛାତ୍ରୀମାନେ ଆତ୍ମବିଶ୍ୱାସ, ଧ୍ୟାନ ଏବଂ ସୁସ୍ଥତା

ଉପରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରୀକ୍ଷା ସମ୍ବନ୍ଧୀୟ ଚାପକୁ ଦୂରେଇ ଦେଇପାରିବେ ।

# ଦିଲ୍ଲୀ-ବୁକ୍ ଫେୟାର୍

ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୬ର ୫୩ତମ ସଂସ୍କରଣ ଆଜି ଜାତୀୟ ରାଜଧାନୀରେ ଆରମ୍ଭ ହୋଇଛି । ନଅ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ୩୫ରୁ ଅଧିକ ଦେଶର ୧ ହଜାରରୁ ଉର୍ଦ୍ଧ୍ୱ ପ୍ରକାଶକ ଏକତ୍ରିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ କହିଥିଲେ, ପୁସ୍ତକ ହେଉଛି ଜ୍ଞାନର ଏକ ବାହକ, ଯାହା ପିଢ଼ି ପରେ ପିଢ଼ି ମଧ୍ୟରେ ସେତୁ ସ୍ଥାପନ କରିଥାଏ । ସଭ୍ୟତାର ସ୍ମୃତିକୁ ସଂରକ୍ଷଣ କରେ ଏବଂ ସମାଜକୁ ଦିଗ୍‌ଦର୍ଶନ ଦିଏ । ସେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାକୁ ଦେଶର ପାଠ୍ୟ ସଂସ୍କୃତିର ସର୍ବବୃହତ ସାର୍ବଜନୀନ ଉତ୍ସବ ଭାବେ ପ୍ରଶଂସା କରିଥିଲେ ।

**VO-2--DHARMENDRA-PRADHAN---BOOK-FAIR**

ଶ୍ରୀ ପ୍ରଧାନ କହିଛନ୍ତି, ଡିଜିଟାଲ୍ ଯୁଗରେ ସରକାରଙ୍କ ପ୍ରାଥମିକତା ହେଉଛି ଜ୍ଞାନକୁ ସୁଗମ ଏବଂ ଅନ୍ତର୍ଭୁକ୍ତ କରିବା । ଯେଉଁଠାରେ ଭାଷା ଏକ ପ୍ରତିବନ୍ଧକ ଭାବେ ନୁହେଁ ବରଂ ଏବଂ ସେତୁ ଭାବେ କାର୍ଯ୍ୟ କରେ । ସେ କହିଛନ୍ତି, ମେଳାରେ ଜାତୀୟ ଇ-ଲାଇବ୍ରେରୀ ମାଧ୍ୟମରେ ୨୩ରୁ ଅଧିକ

ଭାଷାରେ ୬ ହଜାରରୁ ଅଧିକ ମାଗଣା ଇ-ପୁସ୍ତକ ଉପଲବ୍ଧ ହେବ, ଯେଉଁଠାରେ ପାଠ୍ୟରୁ କଥନ ଭଳି ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ । ଗଣମାଧ୍ୟମ ସହ ଆଲୋଚନା କରି ମନ୍ତ୍ରୀ ଯୁବ ପିଢ଼ିଙ୍କ ମଧ୍ୟରେ ପାଠ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସରକାରଙ୍କ ପ୍ରାଥମିକତା ବୋଲି କହିଥିଲେ । ଚଳିତ ବର୍ଷ ପୁସ୍ତକମେଳାର ବିଷୟବସ୍ତୁ ହେଉଛି 'ଭାରତୀୟ ସାମରିକ ଇତିହାସ : ବୀରତ୍ୱ ଏବଂ ଜ୍ଞାନ @୭୫' ।

## ଶାହା-ରାଜସ୍ଥାନ

ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଯେକୌଣସି ରାଜ୍ୟର ବିକାଶରେ ଆଇନ୍ ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ କହିଛନ୍ତି, ଉନ୍ନତ ଆଇନ୍ ଶୃଙ୍ଖଳା ଥିବା ରାଜ୍ୟଗୁଡ଼ିକ ସର୍ବଦା ଅଧିକ ନିବେଶକମାନଙ୍କୁ ଆକର୍ଷିତ କରିଥାନ୍ତି । ଆଜି ଅପରାହ୍ଣରେ ଜୟପୁରରେ ଏକ କନେଷ୍ଟବଳ ନିଯୁକ୍ତି ସମାରୋହକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ଅନେକ ଆହ୍ୱାନ ସତ୍ତ୍ୱେ ରାଜସ୍ଥାନ ସରକାର ଆଇନ୍ ଶୃଙ୍ଖଳା ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି ଏବଂ ଫଳ ସ୍ୱରୂପ ରାଜ୍ୟ ଏବେ ନିବେଶକଙ୍କ ପାଇଁ ଏକ ପସନ୍ଦର ଗନ୍ତବ୍ୟ ସ୍ଥଳ ଭାବେ ଉଭା ହୋଇଛି । ଏହି ଅବସରରେ ଶ୍ରୀ ଶାହା ନିଯୁକ୍ତି ଦୁର୍ନୀତିମୁକ୍ତ ଏବଂ ନିରପେକ୍ଷ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

**VO-1-AMIT-SHAH-TRANSPARENCY**

ନୂତନ ଭାରତୀୟ ନ୍ୟାୟ ସଂହିତାର ବୈଶିଷ୍ଟ୍ୟଗୁଡ଼ିକ ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ସମ୍ପୂର୍ଣ୍ଣ କାର୍ଯ୍ୟକାରି ହେବା ପରେ

ଏଫ୍.ଆଇ.ଆର୍. ପଞ୍ଜିକରଣ ହେବାର ୩ ବର୍ଷ ମଧ୍ୟରେ ସୁପ୍ରିମ୍‌କୋର୍ଟ୍ ପର୍ଯ୍ୟନ୍ତ ମାମଲା ଗୁଡ଼ିକର ଶୁଣାଣି କରାଯିବ । ଯାହା ବାରମ୍ବାର ସ୍ଥଗିତ ରଖିବାର ଦୀର୍ଘକାଳୀନ ଅଭ୍ୟାସକୁ ସମାପ୍ତ କରିବ ।

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜସ୍ଥାନ ପୁଲିସ୍‌ର ୧୦ ହଜାର ନୂତନ ନିଯୁକ୍ତି ପାଇଥିବା କନେଷ୍ଟବଲଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ ।

## ଇଡି–କୋଲକାତା ହାଇକୋର୍ଟ୍

ଆଇ ପ୍ୟାକ୍‌ର କାର୍ଯ୍ୟାଳୟ ଓ ବାସଭବନରେ ତଲାସୀ ଅଭିଯାନ ସମୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ – ଇ.ଡି.ର କାର୍ଯ୍ୟରେ ବାଧା ଦେବା ପ୍ରସଙ୍ଗରେ କୋଲକାତା ହାଇକୋର୍ଟ୍‌ରୁ ତୁରନ୍ତ ଆସ୍ୱସ୍ତି ପାଇବାରେ ବିଫଳ ହେବା ପରେ ଇ.ଡି. ସୁପ୍ରିମ୍‌କୋର୍ଟ୍ ଯିବାକୁ ପ୍ରସ୍ତୁତ ହେଉଛି । ଇତିମଧ୍ୟରେ ଆଇନ୍‌ଜୀବୀଙ୍କ ଅନୁସାରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟ୍‌ରେ ଏକ ଅନ୍‌ଲାଇନ୍ କ୍ୟାଭିଏଟ୍ ଦାଖଲ କରିସାରିଛନ୍ତି । ଇ.ଡି. ଆଜି ମାମଲା ରୁଜୁ କରିବାର ସମ୍ଭାବନା ଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ମିଳିଛି ।

# ଇରାନ୍-ପ୍ରୋଟେଷ୍ଟ

ଇରାନ୍‌ରେ ଗଣପ୍ରତିବାଦ ଚତୁର୍ଦ୍ଦଶ ଦିନରେ ପହଞ୍ଚିଛି । ଇରାନ୍ ସେନା କହିଛି, ଏହା ରଣନୈତିକ ଭିତ୍ତିଭୂମି ଏବଂ ସାର୍ବଜନୀନ ସମ୍ପତ୍ତିକୁ ସୁରକ୍ଷା ଦେବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌ର ନେତାମାନଙ୍କୁ ଏକ ନୂତନ ଚେତାବନୀ ଦେବା ପରେ ଇରାନ୍ ପକ୍ଷରୁ ଏହି ସାମରିକ ବିବୃତ୍ତି ଆସିଛି । ଟ୍ରମ୍ପ୍ ପୁଣି ଚେତାବନୀ ଦେଇଛନ୍ତି, ସେ ସାମରିକ ଆକ୍ରମଣର ନିର୍ଦ୍ଦେଶ ଦେଇପାରନ୍ତି ।

ଇତିମଧ୍ୟରେ ରାଜଧାନୀ ତେହେରାନ୍ ଏବଂ ଦ୍ୱିତୀୟ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ସହର ମସାଦ୍ ସମେତ ପ୍ରମୁଖ ସହରଗୁଡ଼ିକରେ ପ୍ରତିବାଦ ଏବଂ ବିରୋଧ ପ୍ରଦର୍ଶନ ଜାରି ରହିଛି । ସରକାରୀ ଗଣମାଧ୍ୟମ କହିଛି, ତେହେରାନ୍‌ର ପଶ୍ଚିମରେ ଥିବା କାରାଜରେ ଏକ ମ୍ୟୁନିସିପାଲିଟି କୋଠାରେ ନିଆଁ ଲଗାଯାଇଛି । ତେହେରାନ୍‌ର ମେୟର ଆଲିରେଜା ଜାକାନି କହିଛନ୍ତି, ଗୁରୁବାର ରାତିରେ ଉତ୍ତେଜନା ଯୋଗୁଁ ୫୦ରୁ ଅଧିକ ବ୍ୟାଙ୍କ୍ ଏବଂ ଅନେକ ସରକାରୀ କୋଠାରେ ନିଆଁ ଲାଗିଯାଇଛି । ସେ କହିଛନ୍ତି, ୩୦ରୁ ଅଧିକ ମସ୍‌ଜିଦ ନିଆଁରେ ପୋଡ଼ି ଯାଇଛି । ଇରାନ୍‌ର ମନବୀୟ ଅଧିକାର ଗୋଷ୍ଠୀ ଏଚ୍.ଆର୍.ଏ.ଏନ୍.ଏ. କହିଛି, ଗତକାଲି ସୁଦ୍ଧା ୫୦ ପ୍ରଦର୍ଶନକାରୀ ଏବଂ ୧୫ ସୁରକ୍ଷା କର୍ମୀଙ୍କ ସମେତ ୬୫ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ପକ୍ଷରେ ନରଓ୍ୱେ ସ୍ଥିତ ମାନବାଧିକାର ଗୋଷ୍ଠୀ ହେଙ୍ଗାଓ ଦାବି କରିଛି, ଗତ ଦୁଇ ସପ୍ତାହ ମଧ୍ୟରେ ୨୫ଶହରୁ ଅଧିକ ଲୋକଙ୍କୁ ଗିରଫ୍ କରାଯାଇଛି । ଦ୍ରୁତ ଗତିରେ ବଢୁଥିବା ପ୍ରତିବାଦ

ଓ ଆନ୍ଦୋଳନର ସାମ୍ନାରେ କର୍ତ୍ତୃପକ୍ଷ ପଛକୁ ହଟିବେ ନାହିଁ ବୋଲି ଇରାନ୍‌ର ସର୍ବୋଚ୍ଚ ନେତା କହିଛନ୍ତି ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍‌ର ଚତୁର୍ଥ ସଂସ୍କରଣ – ଡବ୍ଲ୍ୟୁ.ପି.ଏଲ୍. ୨୦୨୬ର ଆଜିର ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ୍’ ୟୁ.ପି. ୱାରିର୍ସ୍‌କୁ ୧୦ରନ୍‌ରେ ପରାସ୍ତ କରିଛି । ନଭି ମୁମ୍ବାଇର ଡି.ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀ ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୟୁ.ପି. ୱାରିର୍ସ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଗୁଜରାଟ ଜାଏଣ୍ଟସ୍ ୪ ୱିକେଟ୍ ହରାଇ ୨୦୭ରନ୍ କରିଥିଲା । ଜବାବରେ ୟୁ.ପି. ୱାରିର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୯୭ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ ।

## କ୍ରିକେଟ୍

ଗୁଜରାଟର ଭଦୋଦରାସ୍ଥିତ ବିସିଏ ଷ୍ଟାଡିୟମରେ ଆସନ୍ତାକାଲିଠାରୁ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ

ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆରମ୍ଭ ହେବ । ଏହି ଶୃଙ୍ଖଳାରେ ବିରାଟ କୋହଲୀ ଏବଂ ରୋହିତ ଶର୍ମା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦୁଇ ବ୍ୟାଟସ୍‌ମ୍ୟାନ୍ ସେମାନଙ୍କର ଚମତ୍କାର ଫର୍ମ ବଜାୟ ରଖିବେ ବୋଲି କ୍ରୀଡ଼ା ପ୍ରେମୀ ଆଶା କରୁଛନ୍ତି । ଏହି ସିରିଜ୍ ୨୦୨୭ ଆଇସିସି କ୍ରିକେଟ୍ ବିଶ୍ୱକପ୍ ପାଇଁ ଖେଳାଳି ଚୟନ ଦିଗରେ ସହାୟକ ହେବ ।